# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**18 July – 2025**

---

---

# ଜିତେନ୍ଦ୍ର ସିଂହ

ଆତ୍ମନିର୍ଭରଶୀଳ ଏବଂ ବିକଶିତ ଭାରତ ଗଠନରେ ଖଣି ଓ ଖଣିଜ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ର ବିଜ୍ଞାନ ଓ କାରିଗରୀ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ  କହିଛନ୍ତି । ଭୁବନେଶ୍ୱରସ୍ଥିତ ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ - ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ ପରିସରରେ ସାମୁଦ୍ରିକ ଜୈବ ପ୍ରଯୁକ୍ତି ଶାଖାର ଶିଳାନ୍ୟାସ କରି ଗଣମାଧ୍ୟମକୁ ଡକ୍ଟର ସିଂହ କହିଛନ୍ତି ...

**V/O (Jitendra Singh)**

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସାମୁଦ୍ରିକ ଜୈବ ଉତ୍ପାଦନ ସୁବିଧା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ଦୀର୍ଘସ୍ଥାୟୀ ପୁର୍ନଚକ୍ରଣ କେନ୍ଦ୍ର ସମେତ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ ।

# ମହାନଦୀ ଜଳ ବିବାଦ

ମହାନଦୀ ଜଳ ବିବାଦର ସମାଧାନ ଲାଗି ଗଠିତ ପ୍ରାଧିକରଣର ଅଧ୍ୟକ୍ଷ ବିଚାରପତି ବେଲା ଏମ୍ ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ତିନିଜଣିଆ ଖଣ୍ଡପୀଠ ଶୁଣାଣି କରିଛନ୍ତି । ଏହି ସମୟରେ ଉଭୟ ଓଡ଼ିଶା ଓ ଛତିଶଗଡର

ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ମହାନଦୀ ଜଳବିବାଦ ନେଇ ଆଲୋଚନା ହୋଇଥିବା ସୂଚନା ଦିଆଯାଇଛି । ଆସନ୍ତା ବର୍ଷ ଅପ୍ରେଲ ମାସ ସୁଦ୍ଧା ଶୁଣାଣି ସମ୍ପୂର୍ଣ୍ଣ କରିବାକୁ ବିଚାରପତି ପ୍ରସ୍ତାବ ଦେଇଛନ୍ତି । ଆସନ୍ତା ଅଗଷ୍ଟ ୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

# ମୁଖ୍ୟମନ୍ତ୍ରୀ-ସହାୟତା ରାଶି ପ୍ରଦାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ପଞ୍ଚାୟତ ପ୍ରତିନିଧିଙ୍କ ପାଇଁ କାର୍ଯ୍ୟ ଅବଧି ସମୟରେ ମୃତ୍ୟୁ କିମ୍ବା ଅକ୍ଷମତା ଘଟିଲେ ସହାୟତା ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି । ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ ଅବଧି ସମୟରେ ପଞ୍ଚାୟତ ପ୍ରତିନିଧିଙ୍କ ମୃତ୍ୟୁ ହେଲେ ସେମାନଙ୍କ ପରିବାରବର୍ଗଙ୍କୁ ୨ଲକ୍ଷ ଟଙ୍କା ଏବଂ ଅକ୍ଷମତା କ୍ଷେତ୍ରରେ ମଧ୍ୟ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

# ଅଗ୍ନି-୧ ଓ ପୃଥ୍ୱୀ-୨ର ସଫଳ ପରୀକ୍ଷଣ

ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥା ଡିଆର୍‌ଡିଓ ସହଯୋଗରେ ଭାରତୀୟ ସେନାର ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ପକ୍ଷରୁ ଅଗ୍ନି-୧ ପ୍ରାଇମ୍ ଏବଂ ପୃଥ୍ୱୀ-୨ର ସଫଳ ପରୀକ୍ଷଣ କରାଯାଇଛି । ଏହି ପରୀକ୍ଷଣ ଦ୍ୱାରା ଦେଶର ରଣନୀତିକ ଦକ୍ଷତା ପ୍ରଦର୍ଶିତ ହୋଇଥିବା ଡିଆର୍‌ଡିଓ ପକ୍ଷରୁ କୁହାଯାଇଛି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ...

**V/O (Capsul)**

*ବାଲେଶ୍ୱର ଚାନ୍ଦିପୁରସ୍ଥିତ ଏକକୀକୃତ ପରୀକ୍ଷଣ କେନ୍ଦ୍ରରୁ ଗତକାଲି ରାତିରେ ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ପରୀକ୍ଷା କରାଯାଇଛି । ସେହିଭଳି ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପର ଏକକୀକୃତ ପରୀକ୍ଷଣ କେନ୍ଦ୍ରରୁ ଅଗ୍ନି-୧ ପ୍ରାଇମ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି । ଅଗ୍ନି-୧ କ୍ଷେପଣାସ୍ତ୍ର ଯୁଦ୍ଧାସ୍ତ୍ର ବହନ କରିବା ସହ ୭୦୦ରୁ ୧୨ଶହ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷଭେଦ କରିପାରିବ । ପୃଥ୍ୱୀ-୨ର ୩୫୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାର କ୍ଷମତା ରହିଛି । ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ଚନ୍ଦନ ଘୋଷ ।*

# ନିର୍ଯାତନା ବିରୋଧୀ ଆଇନ୍

ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା ପରେ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟ ଗୁଡ଼ିକରେ ନିର୍ଯ୍ୟାତନା ବିରୋଧୀ ଆଇନ୍‌କୁ କଡାକଡି ଭାବେ ପାଳନ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅଧ୍ୟକ୍ଷଙ୍କୁ ପତ୍ର ଲେଖାଯିବା ସହ ଆନ୍ତରୀଣ ଅଭିଯୋଗ ସମିତି ଗଠନ କରିବାକୁ ପରାମର୍ଶ ଦିଆଯାଇଛି ।

ଅପରପକ୍ଷରେ ଏହି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ଦଦନ୍ତ ଆରମ୍ଭ ହୋଇଛି ।

# ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ

ରାଜ୍ୟରେ ୫ଟି ନୂଆ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏନ୍‌ସିସି ବାଟାଲିୟନ ଖୋଲିବା ପାଇଁ ପ୍ରସ୍ତାବ ରହିଛି । ଏନେଇ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏନ୍‌ସିସି ନିର୍ଦ୍ଦେଶକ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କୁ ଚିଠି ମାଧ୍ୟମରେ ପ୍ରସ୍ତାବ ଦେଇଛନ୍ତି । ନୂତନ ବାଟାଲିୟନ ଖୋଲିବା ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ମାନବସମ୍ବଳ ସମ୍ପର୍କରେ ତଥ୍ୟ ପ୍ରଦାନ ପାଇଁ ଚିଠିରେ କୁହାଯାଇଛି ।

# ରେଳ ଲାଇନ୍ ମଞ୍ଜୁରୀ

ରେଳ ମନ୍ତ୍ରଣାଳୟ ପକ୍ଷରୁ ରାଣୀତାଲ ଲିଙ୍କ କ୍ୟାବିନ ଓ ଭଦ୍ରକ ଷ୍ଟେସନ ମଧ୍ୟରେ ୫ ଦଶମିକ ୬ କିଲୋମିଟର ଦୀର୍ଘ ଚତୁର୍ଥ ଲାଇନ୍‌କୁ ମଞ୍ଜୁରୀ ମିଳିଛି । ଏହି ଚତୁର୍ଥ ଲାଇନ୍ ନିର୍ମାଣ ନିମନ୍ତେ ୧୪୯ କୋଟି ୩୨ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏହା ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ୍ ସହିତ ଟ୍ରେନ୍ ପରିଚାଳନା କ୍ଷମତା ଓ ଦକ୍ଷତା ବୃଦ୍ଧି କରିବା ସହ ଧାମରା ଓ ପାରାଦ୍ୱୀପ ବନ୍ଦର ସହ ମାଲ୍ ପରିବହନ ବ୍ୟବସ୍ଥାକୁ ଉନ୍ନତ କରିବ ।

# ଚାଷୀ ପଞ୍ଜିକରଣ

ଖରିଫ ବିପଣନ ବର୍ଷ ୨୦୨୫-୨୬ ନିମନ୍ତେ ଆସନ୍ତାକାଲିଠାରୁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହେବ । ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ସୂଚନା ଅନୁଯାୟୀ ଚଳିତବର୍ଷ ଚାଷୀ ପଞ୍ଜିକରଣ ସମ୍ପୂର୍ଣ୍ଣ ନୂତନ ଭାବେ କରାଯିବ । ଏଥିରେ ପୂର୍ବବର୍ଷର ନବୀକରଣ କରାଯିବ ନାହିଁ ।

ପଞ୍ଜିକରଣ ପାଇଁ ଚାଷୀମାନଙ୍କର ଇ-କେୱାଇସି ଏବଂ ବ୍ୟାଙ୍କ ଖାତା ସହିତ ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ କରାଯାଇଛି । ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ ଜାରି ରହିବ ।

## +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଫଳ

ରାଜ୍ୟରେ ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଫଳ ଆଜି ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ଛାତ୍ରଛାତ୍ରୀମାନେ **results.odisha.gov.in** ୱେବ୍‌ସାଇଟ୍‌ରେ ଅପରାହ୍ଣ ୫ଟାରୁ ପରୀକ୍ଷା ଫଳ ଦେଖିପାରିବେ ।

## ସାହାଣୀ କପ୍

ରାଜ୍ୟର ୪ଟି ଜୋନ୍‌ରେ ଚାଲିଥିବା ଆନ୍ତଃଜିଲ୍ଲା ବରିଷ୍ଠ ଫୁଟବଲ ପ୍ରତିଯୋଗିତା ସାହାଣୀ କପ୍‌ରେ ଗତକାଲି ଭିନ୍ନ ଭିନ୍ନ ମ୍ୟାଚ୍‌ରେ ବରଗଡ, ଦେବଗଡ, ମାଲକାନଗିରି, କଟକ, ସୁବର୍ଣ୍ଣପୁର, ଖୋର୍ଦ୍ଧା ଓ କୋରାପୁଟ ଦଳ ବିଜୟୀ ହୋଇଛନ୍ତି । ଓଡ଼ିଶା ଫୁଟବଲ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଏହି ଫୁଟବଲ ପ୍ରତିଯୋଗିତାର ଆୟୋଜନ କରାଯାଇଛି ।

## ପାଣିପାଗ

ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ୨୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି

ସମୟ ମଧ୍ୟରେ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ।